The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

11th June, 2019

# ୧୮ରେ ଆଇଆଇଟି ବୁଲି ଦେଖିପାରିବେ ଛାତ୍ରଛାତ୍ରୀ, ଅଭିଭାବକ

ଭୁବନେଶ୍ୱର, ୧୦।୬(ନି.ପ୍ର): ଜୁନ୍ ୧୮ ରେ ଗୋଟିଏ ଦିନ ପାଇଁ ଆଇଆଇଟି ଭୁବନେଶ୍ୱରକୁ ବୁଲି ଦେଖିବା ସୁଯୋଗ ପାଇବେ ଛାତ୍ରଛାତ୍ରୀ ଅଭିଭାବକ। ଚଳିତ ବର୍ଷ ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷାର୍ଥୀ, ଅଭିଭାବକ ଓ ଭଉଣୀଭାଇଙ୍କ ପାଇଁ ଖୋଲା ରହିବ। ସକାଳ ସାଢ଼େ ୯ଟାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ଅଧିକ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍ ସହିତ ଶ୍ରେଣୀଗୃହ ଓ ଲ୍ୟାବ୍ ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଥିବା ଅନ୍ୟାନ୍ୟ ବ୍ୟବସ୍ଥା ବୁଲି ଦେଖିବେ।

ଆଗ୍ରହୀ ଛାତ୍ରଛାତ୍ରୀ ଆଇଆଇଟି ଭୁବନେଶ୍ୱର ୱେବସାଇଟ୍ (www.iitbbs.ac.in)କୁ ଯାଇ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ଯଦି କୌଣସି ଛାତ୍ରଛାତ୍ରୀ କିମ୍ବା ଅଭିଭାବକ ପଞ୍ଜୀକରଣ କରିପାରୁନାହାନ୍ତି; ତେବେ ସେହିଦିନ ଆଇଆଇଟି କ୍ୟାମ୍ପସରେ ପଞ୍ଜୀକରଣ କରି ପ୍ରବେଶ କରିବେ। ଏହି ସୁବିଧା କେବଳ ଓଡ଼ିଶାର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ରହିଛି। ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ବିଷୟରେ ଅବଗତ କରିବା ପାଇଁ ଆଇଆଇଟି ଭୁବନେଶ୍ୱର ଏହି ପଦକ୍ଷେପ ଗ୍ରହଣ କରିଛି। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହିତ ପ୍ରଫେସର ବୁଲି ପଚରା ଯାଉଥିବା ପ୍ରଶ୍ନର ଉତ୍ତର ଦେବେ; ଫଳରେ ଏହି ଶିକ୍ଷା ପାଇଁ ଛାତ୍ରଛାତ୍ରୀ ଆକୃଷ୍ଟ ହୋଇପାରିବେ ବୋଲି ଆଇଆଇଟି ସୂଚନା ଦେଇଛି।

ସୂଚନାଯୋଗ୍ୟ, ପଲ୍ଲୀରେ ଇଣ୍ଟରନେଟ୍ ସୁବିଧା ନଥିବା ଯୋଗୁଁ ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ପଞ୍ଜୀକରଣ କରିପାରୁ ନଥିଲେ। ଆଇଆଇଟି ଭୁବନେଶ୍ୱର ଜେଇଇ ଆଡ୍‌ଭାନ୍ସଡ ସହାୟକ ଡେସ୍କ ଖୋଲି ଛାତ୍ରଛାତ୍ରୀଙ୍କୁ ସୁବିଧା ଦେଇଥିଲା।